# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 19 April - 2026

*************************************

## ମୁଖ୍ୟ ସମ୍ବାଦ

- ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର କେନ୍ଦ୍ରସ୍ଥଳି ପାଲଟିବ; କହିଲେ ମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱର ଇନ୍‌ଫୋଭ୍ୟାଲିଠାରେ ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରୀ-ଡି ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର କଲେ ଶିଳାନ୍ୟାସ

- ଓଡ଼ିଶାକୁ ଶିଳ୍ପସମୃଦ୍ଧ କରିବା ଏବଂ ଆଇଟି ହବ୍ ଭାବେ ବିକଶିତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା; ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

- ଯକୃତର ଉପଯୁକ୍ତ ଯତ୍ନ ଓ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ଯକୃତ ଦିବସ'

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୧୧ଟି ଜିଲ୍ଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା

# ମୁଖ୍ୟମନ୍ତ୍ରୀ-ବିକଶିତ ଭାରତ

ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର କେନ୍ଦ୍ରସ୍ଥଳି ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଇନ୍‌ଫୋ ଭ୍ୟାଲି-୨ ଠାରେ ଆଜି ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି-ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆଜି ପ୍ରଥମ ଥର ଏଭଳି ଏକ କାର୍ଯ୍ୟର ମୂଳଦୁଆ ସ୍ଥାପନ କରାଯାଇଛି, ଯାହା ଦେଶର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି-ପ୍ୟାକେଜିଂ ପ୍ରକଳ୍ପ ସାବ୍ୟସ୍ତ ହୋଇଛି। ୧ ହଜାର ୯୪୪ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୨ ହଜାର ୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## - V/O - (CM)

ଶିଳାନ୍ୟାସ ହୋଇଥିବା ପ୍ରକଳ୍ପରେ କମ୍ପାନୀଗୁଡ଼ିକ ପକ୍ଷରୁ ୨ ହଜାର କୋଟି ଟଙ୍କା ନିବେଶ କରାଯାଇଛି ଏବଂ ପ୍ରତିବର୍ଷ ପ୍ରାୟ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଏବଂ ୫୦ ମିଲିୟନ୍ ଆସେମ୍‌ବେଲଡ୍ ୟୁନିଟ୍ ଏବଂ ୧୩ ହଜାର ୨୦୦ ଆଧୁନିକ ଥ୍ରୀଡି ଏଆଇ ମଡ୍ୟୁଲ ପ୍ରସ୍ତୁତ କରାଯିବ।

ବିଶ୍ୱର ପ୍ରମୁଖ କମ୍ପାନୀ ଇଣ୍ଟେଲ, ଲଖେଟ ମାଟିନ ଏବଂ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ୍ ଭଳି ପ୍ରତିଷ୍ଠାନ ଓଡ଼ିଶାରେ ଥ୍ରୀଡି-ଗ୍ଲାସ୍ ସମାଧାନ ସମ୍ପର୍କିତ ଏହି ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପରୁ ପ୍ରସ୍ତୁତ ହେବାକୁ ଥିବା ଉପାଦାନଗୁଡ଼ିକ ଆଗାମୀ ଦିନରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥା ଏବଂ ଉଚ୍ଚମାନର କମ୍ପ୍ୟୁଟିଂ ତଥା ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ଏହି ପ୍ରକଳ୍ପ ବିଶ୍ୱସ୍ତରୀୟ ନିବେଶକୁ ଆକର୍ଷିତ କରିବ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ଏକ ଦୃଢ଼ ନବସୃଜନଚାଳିତ ଅର୍ଥବ୍ୟବସ୍ଥା ସୃଷ୍ଟି ଲାଗି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରିଛି ।

## ଅଶ୍ୱିନୀ ବୈଷ୍ଣବ

ଭାରତରେ ଗତ ୧୨ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଛଅଗୁଣ ବୃଦ୍ଧି ପାଇଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଭାରତ ଏବେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ନେବା ସ୍ତରକୁ ଅଗ୍ରସର ହେଉଥିବା ଶ୍ରୀ ବୈଷ୍ଣବ କହିଛନ୍ତି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲି-୨ରେ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ୟୁନିଟ୍‌ର ଶିଳାନ୍ୟାସ ପର୍ବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଥ୍ରୀଡି ପ୍ୟାକେଜିଂ ଜ୍ଞାନ କୌଶଳ ବ୍ୟବହାର କରି ଉତ୍ପାଦନ କରିବ। ସେ କହିଛନ୍ତି, ଉନ୍ନତ

ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ବ୍ୟବହାର କରି ଭାରତ ଏବେ ବିଶ୍ୱର ଦ୍ୱିତୀୟ ପ୍ରମୁଖ ମୋବାଇଲ ଉତ୍ପାଦନକାରୀଭାବେ ଉଭା ହୋଇଛି।

ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶା ପାଇଁ ଏକ ନୂତନ ବିକାଶ ଯୁଗର ଆରମ୍ଭ ହୋଇଛି। ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଏହାକୁ ଆଇଟି ହବ୍ ଭାବେ ବିକଶିତ କରିବା ପାଇଁ ପ୍ରୟାସ ଜାରି ରହିବ। ଥ୍ରୀଡି ଗ୍ଲାସ ସଲ୍ୟୁସନ୍ ଆଗାମୀ ଦିନରେ ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**- V/O - (**ଅଶ୍ୱିନୀ ବୈଷ୍ଣବ**)**

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଥିବା ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଧିକ ବଜେଟ୍ ଆବଣ୍ଟନ ହୋଇଥିବା କହିଛନ୍ତି। ଭୁବନେଶ୍ୱରରେ ବିକଶିତ ହୋଇଥିବା ନୂଆ ରେଳଷ୍ଟେସନ୍ ଭଳି ଆଗାମୀ ଦିନରେ ଓଡ଼ିଶାରେ ଆହୁରି ୫୯ଟି ଅତ୍ୟାଧୁନିକ ରେଳଷ୍ଟେସନ ପାଇଁ ବିକାଶ କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି।

## ରେଳ ସମୀକ୍ଷା

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଅମୃତ ଭାରତ ଷ୍ଟେସନ ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେସନ୍ ଏରିଆ ଏବଂ ଆଧୁନିକ ବିମାନ ବନ୍ଦର

ଭଳି ସୁବିଧା ସମେତ ଯାତ୍ରୀକୈନ୍ଦ୍ରିକ ଉନ୍ନତୀକରଣର ଅଗ୍ରଗତି ସମ୍ପର୍କରେ ଶ୍ରୀ ବୈଷ୍ଣବ ଅବଗତ ହୋଇଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ରାଜ୍ୟରେ ରେଳ ସଂଯୋଗ ବିସ୍ତାର ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକ ଆଂଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବ । ରାଜ୍ୟର ସମସ୍ତ ଅଂଚଳରେ ସନ୍ତୁଳିତ ଅନ୍ତର୍ଭୁକ୍ତି ବିକାଶ ସୁନିଶ୍ଚିତ କରି ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ଉନ୍ନତୀକରଣ ଜାରି ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ  କରିଛନ୍ତି ।

## ବିଜେପି ବୈଠକ-ମୁଖ୍ୟମନ୍ତ୍ରୀ

ଦେଶର ମାତୃଶକ୍ତିକୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ ପ୍ରୟାସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମୟରେ ନାରୀ ସମସ୍ତ କ୍ଷେତ୍ରରେ ପାରଦର୍ଶୀତା ପ୍ରଦର୍ଶନ କରୁଛନ୍ତି । ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମହିଳାଙ୍କ ସଂଖ୍ୟା ଅଧିକ ରହିଛି । ସଂସଦ ଓ ବିଧାନସଭାରେ ନାରୀଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ସର୍ବଦା ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

ଆଗାମୀ ଦିନରେ ନାରୀ ଶକ୍ତି ଏହାର ଉଚିତ ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (CM)**

ବୈଠକରେ ସାଂସଦ ବାଂସୁରୀ ସ୍ୱରାଜ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଯକୃତ ଦିବସ

ଯକୃତର ଉପଯୁକ୍ତ ଯତ୍ନ ନେବା ଏବଂ ଏହାର ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ଯକୃତ ଦିବସ ପାଳନ କରାଯାଉଛି।' ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'କଠିନ ଅଭ୍ୟାସ : ଦୃଢ଼ ଯକୃତ' ।

ବିଶ୍ୱବ୍ୟାପୀ ପ୍ରାୟ ଦେଢ଼ ନିୟୁତ ଲୋକ ଦୀର୍ଘକାଳୀନ ଯକୃତ ରୋଗରେ ପୀଡିତ ହୋଇଥିବାବେଳେ ବାର୍ଷିକ ୨୦ ଲକ୍ଷ ରୋଗୀଙ୍କର ମୃତ୍ୟୁ ହେଉଥିବା ଜଣାପଡିଛି। ସୁସ୍ଥ ଖାଦ୍ୟ ଅଭ୍ୟାସ, ବ୍ୟାୟାମ, ମଦ୍ୟପାନ ନ କରିବା ଏବଂ ପ୍ରାରମ୍ଭିକ ଯାଞ୍ଚ ମାଧ୍ୟମରେ ଫ୍ୟାଟି ଲିଭର ଏବଂ ସିରୋଶିଷ୍ ଭଳି ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ।

ବିଶ୍ୱ ଯକୃତ ଦିବସ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଯକୃତ ଆମ ଶରୀରର ଏକ ପ୍ରମୁଖ ଅଙ୍ଗ। ଏହାର ସୁସ୍ଥ ରହିବା ବହୁତ ଗୁରୁତ୍ୱପୂର୍ଣ୍ଣ। ବଦଳୁଥିବା ସମୟ ଓ ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ପରିବର୍ତ୍ତନ କାରଣରୁ ଫ୍ୟାଟି ଲିଭର ଭଳି ଯକୃତଜନିତ ସମସ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇଛି।

ଯାହା ସୁସ୍ଥ ଭାରତ ଗଠନ ଦିଗରେ ସବୁଠାରୁ ବଡ଼ ବାଧକ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି। ସୁଷମ ଖାଦ୍ୟ ଗ୍ରହଣ କରିବା ପାଇଁ ସମସ୍ତେ ଗୁରୁତ୍ୱ ଦେବାର  ଆବଶ୍ୟକତା ରହିଛି। ଏଥିସହିତ ପ୍ରତ୍ୟେକ ଦିନ ଯୋଗ, ପ୍ରାଣାୟାମ, କମ୍ ତୈଳଯୁକ୍ତ ଖାଦ୍ୟ ଓ ଚିନିର କମ୍ ବ୍ୟବହାରକୁ ଧ୍ୟାନ ଦେବାକୁ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ପାଠଚକ୍ର

ବ୍ରହ୍ମପୁରସ୍ଥିତ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଭବିଷ୍ୟତ ପିଢ଼ିର ଜୀବବିଜ୍ଞାନ ଜିନ୍‌ରୁ ପରିସଂସ୍ଥା' ଶୀର୍ଷକ ଆଲୋଚନାଚକ୍ରକୁ କୁଳପତି ପ୍ରଫେସର ଅସୀମା ସାହୁ ଉଦ୍‌ଘାଟନ କରିଥିଲେ। ଜିନ୍ ଓ ପରିବେଶ ମଧ୍ୟରେ ସମ୍ପର୍କ ତଥା ପରିବର୍ତ୍ତିତ ଜଳବାୟୁରେ ପ୍ରାଣୀର ସମଯୋଜନ ସମ୍ପର୍କିତ ଗବେଷଣା ସମ୍ପର୍କରେ ଆଲୋଚନା

ହୋଇଥିଲା। ଏହି ଅବସରରେ ପାଠଚକ୍ର ପ୍ରବନ୍ଧ ସଂକଳନ ପ୍ରକାଶ ପାଇଥିଲା।

## କବିତା ପାଠୋତ୍ସବ

**ନୟାଗଡ଼** ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆଜି ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ରାଉତଙ୍କ ସମେତ ବିଭିନ୍ନ କବି ଯୋଗଦେଇ ସ୍ୱ-ରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଦୁଇଟି କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ଗ୍ରୀଷ୍ମପ୍ରବାହ-ସ୍କୁଲ ବନ୍ଦ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିଷ୍ପତ୍ତି କ୍ରମେ ଆଜି ସୁଦ୍ଧା ୧୧ଟି ଜିଲ୍ଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗତକାଲି ନଅଟି ଜିଲ୍ଲାରେ ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିଲା।

**ଦେବଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ **ବନ୍ଦ** ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ

ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ।

**ନୟାଗଡ଼** ଜିଲ୍ଲାପାଳ ମଧୁମିତା ରଥ ଆସନ୍ତାକାଲିଠାରୁ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକର ସମୟରେ **ପରିବର୍ତ୍ତନ** ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲିଠାରୁ ସ୍କୁଲ ସାଢ଼େ ୬ଟାରୁ ଆରମ୍ଭ ହୋଇ ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।